# NATIONAL NEWS BULLETIN (ODIA)

## 5 February - 2026

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ବ୍ଲାକ୍ ସ୍ୱାନ୍ ସମିଟ୍ ଇଣ୍ଡିଆକୁ ଆଜି ଭୁବନେଶ୍ୱରରେ ଉଦ୍‌ଘାଟନ କରିବେ ରାଷ୍ଟ୍ରପତି
- ଦେଶର ପ୍ରଥମ ସମବାୟ ଭିତ୍ତିକ 'ଭାରତ ଟ୍ୟାକ୍ସି'ର ଆଜି ନୂଆଦିଲ୍ଲୀରେ ଶୁଭାରମ୍ଭ କରିବେ କେନ୍ଦ୍ର ସମବାୟ ମନ୍ତ୍ରୀ
- ଦୁର୍ଲଭ ଖଣିଜ ଦ୍ରବ୍ୟର ଯୋଗାଣ ଶୃଙ୍ଖଳକୁ ଆନ୍ତର୍ଜାତିକ ସହଯୋଗ ମାଧ୍ୟମରେ ବଜାୟ ରଖିବା ଉପରେ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ଗୁରୁତ୍ୱାରୋପ
- ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଚୀନ୍ ରାଷ୍ଟ୍ରପତିଙ୍କ ସହ ସକାରାତ୍ମକ ଆଲୋଚନା କରିଥିବା ନେଇ ଆମେରିକା ରାଷ୍ଟ୍ରପତିଙ୍କ ସୂଚନା

ଏବଂ

- ୧୯ ବର୍ଷରୁ କମ୍ ଦିନିକିଆ ବିଶ୍ୱକପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଆଫଗାନିସ୍ତାନକୁ ପରାସ୍ତ କରି ଷଷ୍ଠଥର ଲାଗି ଫାଇନାଲରେ ପ୍ରବେଶ କଲା ଭାରତ

# ପ୍ରେଜ୍-ଭିଜିଟ୍

ବିକଶିତ ଭାରତର ପରିଯୋଜନାରେ କୃତ୍ରିମ ବୁଦ୍ଧିମତ୍ତାକୁ ନେଇ ଭୁବନେଶ୍ୱରଠାରେ ଆଜିଠାରୁ ଆରମ୍ଭ ହେଉଥିବା ବ୍ଲାକ୍ ସ୍ୱାନ ସମିଟ୍ ଇଣ୍ଡିଆକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ଘାଟନ କରିବେ । ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେବେ । ଦେଶରେ ପ୍ରଥମଥର ଲାଗି ଅନୁଷ୍ଠିତ ହେଉଥିବା ଏହି ସମ୍ମିଳନୀ ଡିଜିଟାଲ୍ ଏବଂ ଅର୍ଥନୈତିକ ଭବିଷ୍ୟତ ଗଠନ ଦିଗରେ ଓଡ଼ିଶାର ପ୍ରତିବଦ୍ଧତାକୁ ସୁଦୃଢ଼ କରିବ ବୋଲି ରାଜ୍ୟ ସରକାର କହିଛନ୍ତି । ଏହି ସମ୍ମିଳନୀରେ ୨୪ଟି ଦେଶରୁ ୧ହଜାର ୭୦୦ରୁ ଅଧିକ ପ୍ରତିନିଧି ଭାଗ ନେଉଛନ୍ତି ।

ରାଷ୍ଟ୍ରପତି ଆଜି ସନ୍ଧ୍ୟାରେ ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପରିଦର୍ଶନ କରିବେ । ରାଷ୍ଟ୍ରପତିଙ୍କର ୬ ଦିନିଆ ଓଡ଼ିଶା ଗସ୍ତର ଆଜି ପଞ୍ଚମ ଦିନରେ ସେ ଏହି ସମୃଦ୍ଧ ଜୈବବିବିଧତା ସଂପନ୍ନ ଜାତୀୟ ପାର୍କରେ ରାତ୍ରିଯାପନ କରିବାର କାର୍ଯ୍ୟସୂଚୀ ରହିଛି ।

# ଭାରତ ଟ୍ୟାକ୍ସି ଲଞ୍ଚ-ଶାହ

କେନ୍ଦ୍ର ସମବାୟ ମନ୍ତ୍ରୀ ଅମିତ ଶାହା ଆଜି ନୂଆଦିଲ୍ଲୀରେ ଦେଶର ପ୍ରଥମ ସମବାୟ ଭିତ୍ତିକ 'ଭାରତ ଟ୍ୟାକ୍ସି'ର ଶୁଭାରମ୍ଭ କରିବେ । ଦେଶର

ସମବାୟ କ୍ଷେତ୍ରକୁ ସଶକ୍ତ କରିବା ସହିତ ସମାବେଶୀ ଏବଂ ନାଗରିକ କୈନ୍ଦ୍ରିକ ଯୋଗାଯୋଗ ବ୍ୟବସ୍ଥାକୁ ସଶକ୍ତ କରିବା ଦିଗରେ ଏହା ସହାୟକ ହେବ । ଏ ସଂପର୍କରେ ସମବାୟ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଏହି ଟ୍ୟାକ୍ସି ଗୁଡ଼ିକର ଲାଭ ସିଧାସଳଖ ଚାଳକଙ୍କ ମଧ୍ୟରେ ବଣ୍ଟନ କରାଯିବ । ଏତଦ୍‌ବ୍ୟତୀତ ଏହି ଟ୍ୟାକ୍ସିଗୁଡ଼ିକର ଡ୍ରାଇଭର ବା ସାରଥୀମାନଙ୍କ ଲାଗି ସ୍ୱାସ୍ଥ୍ୟବୀମା, ଦୁର୍ଘଟଣାବୀମା, ଅବସରକାଳୀନ ସଞ୍ଚୟ ଏବଂ ଏକ ଉତ୍ସର୍ଗୀକୃତ ସହାୟକ ବ୍ୟବସ୍ଥା ଉପଲବ୍ଧ ହେବ । 'ବାଇକ୍ ଦିଦି' ଅଭିଯାନ ଅଧୀନରେ ଦେଢ଼ଶହରୁ ଊର୍ଦ୍ଧ୍ୱ ମହିଳା ସାରଥୀମାନେ ଏପର୍ଯ୍ୟନ୍ତ ଭାରତ ଟ୍ୟାକ୍ସିରେ ଯୋଗ ଦେଇସାରିଛନ୍ତି ବୋଲି ମନ୍ତ୍ରଣାଳୟ କହିଛି ।

## ଜେକେ-ଶାହା ଭିଜିଟ୍

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜିଠାରୁ ୩ ଦିନିଆ ଜାମ୍ମୁ କାଶ୍ମୀର ଗସ୍ତରେ ଯାଉଛନ୍ତି । ଏହି ଗସ୍ତ ଅବସରରେ ଶ୍ରୀ ଶାହା ସେଠାରେ ସମନ୍ୱିତ ସୁରକ୍ଷା ବ୍ୟବସ୍ଥା ଏବଂ ବିକାଶମୂଳକ ପ୍ରକଳ୍ପର ଅଗ୍ରଗତି ର ସମୀକ୍ଷା କରିବେ । ଆଜି ଅପରାହ୍ନରେ ଶ୍ରୀ ଶାହା  ଜାମ୍ମୁରେ ପହଞ୍ଚିବା ପରେ ଲୋକଭବନରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ସହିତ ଆଲୋଚନା କରିବେ । ଆସନ୍ତାକାଲି କଠୁଆ ଜିଲ୍ଲା ଅନ୍ତର୍ଗତ ହୀରାନଗରସ୍ଥିତ ଆନ୍ତର୍ଜାତିକ ସୀମା ପରିଦର୍ଶନ କରି ସୀମା ସୁରକ୍ଷା ବାହିନୀ ପକ୍ଷରୁ ସେଠାରେ ଅନୁପ୍ରବେଶ ରୋକିବା ଲାଗି ନିଆଯାଇଥିବା

ପଦକ୍ଷେପର ନିରୀକ୍ଷଣ କରିବେ । ଏହି ଗସ୍ତ କାଳରେ ଶ୍ରୀ ଶାହା ରାଜ୍ୟରେ କେତେକ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି ।

# ଜୟଶଙ୍କର କ୍ରିଟିକାଲ୍ ମିନେରାଲ୍‌ସ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଦୁର୍ଲଭ ଖଣିଜ ଦ୍ରବ୍ୟଗୁଡ଼ିକର ଯୋଗାଣ ଶୃଙ୍ଖଳକୁ ଆନ୍ତର୍ଜାତିକ ସହଯୋଗ ମାଧ୍ୟମରେ ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଗତ ରାତିର ୱାଶିଂଟନ୍ ଡିସିଠାରେ ତାଙ୍କ ଆମେରିକା ପ୍ରତିପକ୍ଷ ମାର୍କୋ ରୁବିଓଙ୍କ ଦ୍ୱାରା ଆୟୋଜିତ ଦୁର୍ଲଭ ଖଣିଜ ପଦାର୍ଥ ମନ୍ତ୍ରୀସ୍ତରୀୟ ବୈଠକରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି ବୋଲି ଡକ୍ଟର ଜୟଶଙ୍କର ସାମାଜିକ ଗଣମାଧ୍ୟମ ଏକ୍ସ ରେ ଉଲ୍ଲେଖ କରିଛନ୍ତି । ଏହି ବର୍ଗର ଖଣିଜ ପଦାର୍ଥର ସଂରକ୍ଷଣ ଲାଗି ଫୋର୍ଜ ପଦକ୍ଷେପ ପ୍ରତି ଭାରତର ସମର୍ଥନ ରହିଛି ବୋଲି ସେ କହିଛନ୍ତି। ଏତଦ୍‌ବ୍ୟତୀତ ବିରଳ ମୃତ୍ତିକା କରିଡର, ଜାତୀୟ ଦୁର୍ଲଭ ଖଣିଜ ପଦାର୍ଥ ମିଶନ ଭଳି ବ୍ୟବସ୍ଥା ମାଧ୍ୟମରେ ଏହାର ସୁରକ୍ଷା ତଥା ନିରନ୍ତରତା ବଜାୟ ରଖିବା ଦିଗରେ ଭାରତ ପଦକ୍ଷେପ ଉପରେ ଡକ୍ଟର ଜୟଶଙ୍କର ଏହି ଅବସରରେ ଆଲୋକପାତ କରିଛନ୍ତି ।

ପୂର୍ବରୁ ମାର୍କୋ ରୁବିଓ ଏହି ଦୁର୍ଲଭ ଖଣିଜପଦାର୍ଥ ମାଧ୍ୟମରେ ଆର୍ଥିକ ସୁରକ୍ଷା ବଜାୟ ରଖିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ ।

ପୂର୍ବରୁ ଡକ୍ଟର ଜୟଶଙ୍କର ଏହି ମନ୍ତ୍ରିସ୍ତରୀୟ ବୈଠକ ଅବସରରେ ତାଙ୍କର କାନାଡା ପ୍ରତିପକ୍ଷ ଅନିତା ଆନନ୍ଦ ଓ ସିଙ୍ଗାପୁର ପ୍ରତିପକ୍ଷ ଭିଭିଆନ୍ ବାଲ୍‌କ୍ରିଷ୍ଣନ୍‌ଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଏହାଛଡ଼ା ସେ ନେଦରଲ୍ୟାଣ୍ଡସ୍, ଇଟାଲୀ, ମାଲେସିଆ, ବାହାରିନ୍, ମଙ୍ଗୋଲିଆ, ପୋଲାଣ୍ଡ, ରୋମାନିଆ, ଇସ୍ରାଏଲ୍, ଉଜ୍‌ବେକିସ୍ତାନ ଏବଂ ଅନ୍ୟ କେତେକ ଦେଶର ବୈଦେଶିକ ମନ୍ତ୍ରୀମାନଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି ।

ଏହି ସମ୍ମିଳନୀରେ ୫୦ରୁ ଊର୍ଦ୍ଧ୍ୱ ଦେଶର ପ୍ରତିନିଧି ଯୋଗ ଦେଇଥିଲେ ।

# ଟ୍ରମ୍ପ-ଶି ଟକ୍

ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ କହିଛନ୍ତି, ସେ ତାଙ୍କର ଚୀନ୍ ପ୍ରତିପକ୍ଷ ଶି.ଜିନ୍‌ପିଙ୍ଗ୍‌ଙ୍କ ସହିତ ଟେଲିଫୋନ୍ ମାଧ୍ୟମରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରିଛନ୍ତି । ବିଶେଷକରି ବାଣିଜ୍ୟ, ସୁରକ୍ଷା, ଭୂ-ରାଜନୈତିକ ସ୍ଥିତି, ରୁଷ-ୟୁକ୍ରେନ୍ ଯୁଦ୍ଧ, ଇରାନର ସଦ୍ୟତମ ସ୍ଥିତି ଏବଂ ଦୁଇଦେଶ ମଧ୍ୟରେ ଶକ୍ତି କ୍ଷେତ୍ରରେ ସହଯୋଗ ବୃଦ୍ଧି ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଏହି ଆଲୋଚନାରେ ସ୍ଥାନ ପାଇଛି । ଆସନ୍ତା ଏପ୍ରିଲ୍ ମାସରେ ଶ୍ରୀ ଟ୍ରମ୍ପ୍‌ଙ୍କର ଚୀନ୍ ଓ ତାଇଓ୍ୱାନ ଗସ୍ତ ସଂପର୍କରେ ମଧ୍ୟ କଥାବାର୍ତ୍ତା ହୋଇଥିବା ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟ୍‌ରେ ସେ ସୂଚନା ଦେଇଛନ୍ତି । ଆଗାମୀ ଦିନରେ ଆମେରିକା ଓ ଚୀନ୍ ସଂପର୍କ

ଯେଉଳି ଏକ ସକାରାତ୍ମକ ଦିଗରେ ଗତି କରିବ, ସେ ପ୍ରସଙ୍ଗରେ ଉଭୟ ନେତା ଆଲୋଚନା କରିଥିବା ଶ୍ରୀ ଟ୍ରମ୍ପ ସୂଚନା ଦେଇଛନ୍ତି ।

## କ୍ରିକେଟ୍

୧୯ ବର୍ଷରୁ କମ୍ ଦିନିକିଆ ବିଶ୍ୱକପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଭାରତ ଷଷ୍ଠଥର ଲାଗି ପ୍ରବେଶ କରିଛି । ଗତକାଲି ଜିମ୍ବାୱେର ହରାରେ ଠାରେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍‌ରେ ଭାରତ’ ଆଫଗାନିସ୍ତାନକୁ ୭ ୱିକେଟ୍‌ରେ ପରାସ୍ତ କରି ଫାଇନାଲ୍‌କୁ ଉନ୍ନୀତ ହୋଇଛି । ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ କରି ଆଫଗାନିସ୍ତାନ ନିର୍ଦ୍ଧାରିତ ୫୦ ଓଭର୍‌ରେ ୪ ୱିକେଟ୍ ହରାଇ ୩୧୦ ରନ୍ କରିଥିଲା । ଦଳ ପକ୍ଷରୁ ଫୈସାଲ ସିନୋଜାଦା ସର୍ବାଧିକ ୧୧୦ ଏବଂ ଉଜାଇରୁହ୍ଲା ନିଆଯାୟୀ ୧୦୧ ରନ୍ ସଂଗ୍ରହ କରିଥିଲେ । ଭାରତର ଦୀପେଶ ଦେବେନ୍ଦ୍ରନ୍ ଏବଂ କନିସ୍କ ଚୌହାନ ୨ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ ।

୩୧୧ ରନ୍ ବିଜୟଲକ୍ଷ୍ୟର ପିଛା କରି ଭାରତ ୪୧ ଓଭର୍ ଓ ଗୋଟିଏ ବଲ୍‌ରେ ୩ ୱିକେଟ୍ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା । ଦଳ ପକ୍ଷରୁ ଆରନ୍ ଜଜ୍ ସର୍ବାଧିକ ୧୧୫ ରନ୍ କରିଥିବା ବେଳେ ବୈଭବ ସୂର୍ଯ୍ୟବଂଶୀ ମାତ୍ର ୩୩ଟି ବଲ୍‌ରୁ ୬୮ ରନ୍

ସଂଗ୍ରହ କରିଥିଲେ । ସେହିଭଳି ଅଧିନାୟକ ଆୟୁଷ ମହାତ୍ରେ ୬୨ ରନ୍ କରିଥିଲେ । ଆରନ୍ ଜଜ୍ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ।

ବୁଲାୱେ଼ ଠାରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ୍ ମ୍ୟାଚ୍‌ରେ ଇଂଲଣ୍ଡ ଗତବର୍ଷର ଚାମ୍ପିୟନ୍ ଅଷ୍ଟ୍ରେଲିୟାକୁ ୨୭ରନ୍‌ରେ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିସାରିଛି । ଆସନ୍ତା ଶୁକ୍ରବାର ଦିନ ଆଜିର ମ୍ୟାଚ୍‌ର ବିଜେତା ଇଂଲଣ୍ଡକୁ ଫାଇନାଲ୍‌ରେ ଭେଟିବ ।

ଏହି ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଦଳ ବର୍ତ୍ତମାନ ସୁଦ୍ଧା ଅପରାଜିତ ଅଛନ୍ତି । ପୂର୍ବରୁ ଭାରତୀୟ ଦଳ ୨୦୦୦, ୨୦୦୮, ୨୦୧୨, ୨୦୧୮ ଏବଂ ୨୦୨୨ ମସିହାରେ ୫ଥର ଲାଗି ଚାମ୍ପିୟନ୍ ଟାଇଟଲ ହାସଲ କରିଥିବା ବେଳେ ଅଷ୍ଟ୍ରେଲିଆକୁ ଏହି ଟାଇଟଲ ୪ଥର ମିଳିଛି ।

# ମଣିପୁର ସିଏମ୍

ମଣିପୁର ବିଜେପି ବିଧାୟକ ଦଳ ନେତା ୟୁମ୍‌ନାମ୍ ଖେମଚାନ୍ଦ ସିଂ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି ।  ଏଥିସହିତ ବିଜେପିର ନେମ୍‌ଚା କିପ୍‌ଜେନ୍ ଓ ଏନ୍‌ପିଏଫ୍‌ର ଲୋସି ଦିଖୋ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି । ଇମ୍ଫାଲସ୍ଥିତ ଲୋକ ଭବନରେ ଗତକାଲି ଅନୁଷ୍ଠିତ ଏକ  ଏକ ସ୍ୱତନ୍ତ୍ର ସମାରୋହରେ ରାଜ୍ୟପାଳ ଅଜୟ କୁମାର ଭଲ୍ଲା

ସେମାନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି । ଏଥିସହିତ ମନ୍ତ୍ରିମଣ୍ଡଳର ଅନ୍ୟ କେତେକ ସଦସ୍ୟ ମଧ୍ୟ ଶପଥ ନେଇଛନ୍ତି ।

ଶପଥଗ୍ରହଣ ଉତ୍ସବରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିଜ୍ଞପ୍ତିରେ ଏ ସଂପର୍କରେ ସୂଚନା ଦେଇ କୁହାଯାଇଛି ଯେ ଏଥିସହିତ ମଣିପୁରରେ ଗତବର୍ଷ ଫେବୃୟାରୀ ୧୩ ତାରିଖରୁ ଲାଗୁ କରାଯାଇଥିବା ରାଷ୍ଟ୍ରପତି ଶାସନ ମଧ୍ୟ ପ୍ରତ୍ୟାହୃତ ହୋଇଯାଇଛି । ଗତବର୍ଷ ଏହି ସମୟରେ ମୁଖ୍ୟମନ୍ତ୍ରୀ ଏନ୍.ବୀରେନ୍ ସିଂ ଇସ୍ତଫା ଦେବା ପରେ ସେଠାରେ ରାଷ୍ଟ୍ରପତି ଶାସନ ଜାରି କରାଯାଇଥିଲା । ତେବେ ମଣିପୁର ବିଧାନସଭାକୁ ଭଙ୍ଗ କରାଯାଇ ନଥିଲା । ଏହାର କାର୍ଯ୍ୟକାଳ ଆସନ୍ତାବର୍ଷ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ରହିଛି । ଆସନ୍ତାକାଲିଠାରୁ ମଣିପୁର ବିଧାନସଭାର ସପ୍ତମ ଅଧିବେଶନ ଆରମ୍ଭ ହେବ ବୋଲି ଜଣାପଡ଼ିଛି ।

ଶପଥ ନେବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ସିଂ କହିଛନ୍ତି, ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ଦିଗରେ ମଣିପୁର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଣିପୁରର ନୂତନ ମୁଖ୍ୟମନ୍ତ୍ରୀ ଶ୍ରୀ ସିଂ ଏବଂ ଉପମୁଖ୍ୟମନ୍ତ୍ରୀ ଓ ଅନ୍ୟାନ୍ୟ ମନ୍ତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଆଗାମୀ ଦିନରେ ଏହି ମନ୍ତ୍ରିମଣ୍ଡଳ ମିଳିତ ଭାବେ ରାଜ୍ୟ ତଥା

ରାଜ୍ୟବାସୀଙ୍କର ବିକାଶ ଓ ସମୃଦ୍ଧି ଦିଗରେ କାର୍ଯ୍ୟ କରିବେ ବୋଲି ଶ୍ରୀ ମୋଦୀ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଆଶା ବ୍ୟକ୍ତ କରିଛନ୍ତି ।